# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

### 12 January – 2025

### News Editor : Itishee Singh Rathaur

********************************

## ମୁଖ୍ୟ ସମ୍ବାଦ

- ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଦେଶବ୍ୟାପୀ ପାଳିତ ହେଉଛି, ଜାତୀୟ ଯୁବଦିବସ

- ଭାରତର ଯୁବଶକ୍ତିର ସାମର୍ଥ୍ୟ ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବ; କହିଲେ, ପ୍ରଧାନମନ୍ତ୍ରୀ

— ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା-୨୦୨୫ରେ କଲେ ଯୋଗଦାନ

- ରାଜ୍ୟର ୪ଟି ସ୍ଥାନରୁ ମହାକୁମ୍ଭ ମେଳା ପାଇଁ ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ରାଞ୍ଚିରେ ଆଜିଠାରୁ ଆରମ୍ଭ ହେଉଛି ପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍

# ଜାତୀୟ ଯୁବ ଦିବସ

ଭାରତର ଯୁବଶକ୍ତିର ସାମର୍ଥ୍ୟ ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ଜାତୀୟ ଯୁବଦିବସ ଅବସରରେ 'ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା-୨୦୨୫'ରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଯୁବପିଢ଼ିଙ୍କ ଭାବନା ଆକାଶଠାରୁ ମଧ୍ୟ ଉଚ୍ଚ। ବଡ଼ ସ୍ୱପ୍ନ ଦେଖିବା ବଡ଼ ସଂକଳ୍ପ ଗ୍ରହଣ କରିବା ଏବଂ ତାକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ଅସମ୍ଭବ ନୁହେଁ। ଦେଶର ଯୁବଶକ୍ତିଙ୍କ ମଧ୍ୟରେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାର କ୍ଷମତା ରହିଛି।

**- V/O -**

ଶ୍ରୀ ମୋଦୀ କହିଛନ୍ତି, ସମସ୍ତେ ଏକାସାଙ୍ଗରେ ଗୋଟିଏ ଦିଗରେ ପ୍ରୟାସ କଲେ ବଡ଼ରୁ ବଡ଼ ଲକ୍ଷ୍ୟ ହାସଲ କରାଯାଇପାରେ। ଲକ୍ଷ୍ୟ ମଣିଷକୁ ଜୀବନ ବଞ୍ଚିବାର କଳା ଶିଖାଇଥାଏ। ଭାରତ ଆଜି ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରି ଅନ୍ୟ ଦେଶ ପାଇଁ ଉଦାହରଣ ସାଜିଛି। ଭାରତ ଆଜି ବିଶ୍ୱକୁ ସଂକଳ୍ପରୁ ସିଦ୍ଧିର ମନ୍ତ୍ର ଶିଖାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O –**

## ଜାତୀୟ ଯୁବ ଦିବସ-୨

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ତାଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ଆଦର୍ଶକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରସାର କରିବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଚଳିତବର୍ଷ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୁବପିଢ଼ି; ସ୍ଥିରତା ଏବଂ ଦାୟିତ୍ୱ ସହ ରାଷ୍ଟ୍ର ଗଠନର ବାର୍ତ୍ତା ନେଇ ଏହି ପାଳନ କରାଯାଉଛି। ୧୯୮୪ ମସିହା ଆଜିର ଦିନକୁ କେନ୍ଦ୍ର ସରକାର ସ୍ୱୀକୃତି ଦେବା ପରେ ପ୍ରତିବର୍ଷ ଜାନୁୟାରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଉଛି। ସ୍ୱାମୀ ବିବେକାନନ୍ଦ ୧୮୬୩ ମସିହା ଜାନୁୟାରୀ ମାସ ୧୨ ତାରିଖରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ୧୮୬୯ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ନିଜର ସ୍ନାତକ ଡିଗ୍ରୀ ଶେଷ କରିବା ସହ ପରବର୍ତ୍ତୀ ସମୟରେ ବ୍ରହ୍ମସମାଜରେ ଯୋଗ ଦେଇଥିଲେ।

ଜାତୀୟ ଯୁବଦିବସ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଦେଶର ଯୁବବର୍ଗଙ୍କୁ ଶୁଭକାମନା ଜଣାଇଛନ୍ତି। ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିର ଅଦ୍ୱିତୀୟ ପ୍ରବକ୍ତା ତଥା ଯୁବଶକ୍ତିର ପ୍ରେରଣାର ସ୍ରୋତ ବୋଲି **କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ** ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି।

ବିବେକାନନ୍ଦଙ୍କ କାଳଜୟୀ ଶିକ୍ଷା ଯୁବକଙ୍କୁ ସ୍ୱପ୍ନ ଦେଖିବା ଏବଂ ଏକ ସୁସଂଗତ ତଥା ପ୍ରଗତିଶୀଳ ଭବିଷ୍ୟତ ଦିଗରେ ପ୍ରେରଣା ଯୋଗାଇ ଥାଏ

ବୋଲି **ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ** ସାମାଜିକ ଗଣମାଧ୍ୟମରେ କହିଛନ୍ତି।

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଯୁବଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। **ନବରଙ୍ଗପୁର**ଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜଳ, ପରିମଳ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।

## ମହାକୁମ୍ଭ-୨୦୨୫

ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ମହାକୁମ୍ଭ-୨୦୨୫ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଳୁଙ୍କ ପାଇଁ ୪ଟି ସ୍ଥାନରୁ ଅତ୍ୟାଧୁନିକ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ରାଜ୍ୟ ପରିବହନ ନିଗମର ୪ଟି ଅତ୍ୟାଧୁନିକ ପ୍ରିମିୟମ୍ ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଏବଂ ବ୍ରହ୍ମପୁରରୁ ବାହାରି ବାରଣାସୀ ଓ ପ୍ରୟାଗରାଜ ଯାଇ ଅଯୋଧ୍ୟା ପର୍ଯ୍ୟନ୍ତ ଚଳାଚଳ କରିବ।

ବସ୍ ସେବା ଆରମ୍ଭ ହେବା ପରେ ଆଜି ପ୍ରଥମ ଦିନରେ ରାଜ୍ୟରୁ ୨୦୦ ଶ୍ରଦ୍ଧାଳୁ ମହାକୁମ୍ଭ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ମହିଳା ଯାତ୍ରୀଙ୍କ ପାଇଁ ଟିକେଟ ମୂଲ୍ୟରେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ବସ୍‌ଗୁଡ଼ିକରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଲାଇଭ୍ ଭେହିକିଲ୍ ଟ୍ରାକିଂ ସିଷ୍ଟମ୍ ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏହାସହ ୨୪ ଘଣ୍ଟିଆ ହେଲ୍ପଡେସ୍କ ଖୋଲାଯାଇଛି।

ପ୍ରୟାଗରାଜରେ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଓ.ଏସ୍.ଆର.ଟି.ସି. କର୍ମଚାରୀମାନଙ୍କୁ ଅବସ୍ଥାପିତ କରାଯାଇଛି। **ବ୍ରହ୍ମପୁର**ରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ସେହିଭଳି **କଳାହାଣ୍ଡି** ଜିଲ୍ଲାର ଭବାନୀପାଟଣା ନୂଆ ବସ୍‌ଷ୍ଟାଣ୍ଡଠାରୁ ସ୍ୱତନ୍ତ୍ର ବସ୍ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି। ସାଂସଦ ମାଳବିକା ଦେବୀ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। **ସମ୍ବଲପୁର** ଅଇଁଠାପାଲି ବସ୍ ଟର୍ମିନାଲ୍‌ରୁ ମହାକୁମ୍ଭ ମେଳା ସ୍ୱତନ୍ତ୍ର ବସ୍ ଚଳାଚଳ କରିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। **ପୁରୀ** ମାଳତୀପାଟପୁର ବସ୍‌ଷ୍ଟାଣ୍ଡ୍‌ରୁ ୧୩ ଜଣ ଯାତ୍ରୀ ପ୍ରୟାଗରାଜ ଅଭିମୁଖେ ଯାତ୍ରା କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ବନ୍ଦ ରହିବ । ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥିବାରୁ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି ।

## ଟାଉନ୍ ପ୍ଲାନିଂ ସ୍କିମ

ଟାଉନ୍ ପ୍ଲାନିଂ ସ୍କିମ୍ ଜରିଆରେ ରାଜ୍ୟର ସମସ୍ତ ସହରାଞ୍ଚଳର ଉନ୍ନତୀକରଣ ପାଇଁ ନିଷ୍ପତ୍ତି ହୋଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଏଥିଲାଗି ଅଧିକ ଟାଉନ୍ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ନିୟୋଜିତ ହେବ। ନୀତି ନିୟମ ମଧ୍ୟରେ ରହି ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ସହରାଞ୍ଚଳରେ ବୃଦ୍ଧି ପାଉଥିବା ଟ୍ରାଫିକ୍ ସମସ୍ୟା ନେଇ ମନ୍ତ୍ରୀ କହିଛନ୍ତି, ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ସରକାର ଅଧିକ ନୂଆ ଓଭର ବ୍ରିଜ୍ ନିର୍ମାଣ ଲାଗି ପ୍ରାରମ୍ଭିକ ଯୋଜନା କରିଛନ୍ତି।  ଏଥିପାଇଁ ଖୁବ୍‌ଶୀଘ୍ର ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ମ୍ୟାଲେରିଆ

ଏଚ୍‌ଏମ୍‌ପିଭି ଭୂତାଣୁକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସନ୍ତା ବୁଧବାର ସମସ୍ତ ଜିଲ୍ଲାର ସ୍ଥିତି ଓ ପ୍ରସ୍ତୁତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ, ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି। ଏଚ୍‌ଏମ୍‌ପିଭିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଏଥିଲାଗି ସମସ୍ତ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଓ ଅକ୍ସିଜେନ୍ ମହଜୁଦ୍ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ରାଜ୍ୟରେ ମ୍ୟାଲେରିଆ ସ୍ଥିତି ନେଇ ଡକ୍ଟର ମହାପାତ୍ର କହିଛନ୍ତି, ମ୍ୟାଲେରିଆ ପାଇଁ ନିୟମିତ ପରୀକ୍ଷଣ କରାଯାଉଥିବାରୁ ପଜିଟିଭ୍‌ର ସଂଖ୍ୟା ଅଧିକ ରହିଛି। ମ୍ୟାଲେରିଆ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦମନ ରହିଛି। ଏ ନେଇ ଲୋକଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।

## ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଛି। ମକର ସଂକ୍ରାନ୍ତି ଏବଂ ଶ୍ରୀଜୀଉଙ୍କର ଅନ୍ୟାନ୍ୟ ନୀତିକାନ୍ତି ଓ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ମରାମତି କାର୍ଯ୍ୟ ୧୬ ତାରିଖରୁ ପୁନଃ ଆରମ୍ଭ କରାଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

## ମହକ ଉଦ୍‌ଘାଟିତ

**ନୟାଗଡ଼** ଜିଲ୍ଲା ଦଶପଲ୍ଲାରେ ଯୁବ ମହୋତ୍ସବ 'ମହକ' ଆରମ୍ଭ ହୋଇଛି । ମହୋତ୍ସବକୁ ବିଧାୟକ ରମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜନ୍ମ ଜୟନ୍ତୀ ଅବସରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମହାବୀର ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ଦଶପଲ୍ଲା ବିଧାୟକ, ଆରକ୍ଷୀ ଅଧିକ୍ଷକ, ଏନ୍‌ସିସି କ୍ୟାଡେଟ୍, ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ ।

## ହକି ଇଣ୍ଡିଆ ଲିଗ୍

ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଜୟପାଲ ସିଂହ ଷ୍ଟାଡିୟମରେ ଆଜିଠାରୁ ପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେଉଛି । ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଓଡ଼ିଶା ୱାରିୟର୍ସ ମଧ୍ୟରେ ମୁକାବିଲା ହେବ ।

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ପୁରୁଷବର୍ଗ ହକି ଇଣ୍ଡିଆ ଲିଗ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ହାଇଦ୍ରାବାଦ ତୁଫାନ୍‌ସ ୪-୩ ଗୋଲ୍‌ରେ ସୁର୍‌ମା ହକି କ୍ଲବକୁ ପରାସ୍ତ କରିଛି । ଆଉଏକ ମ୍ୟାଚ୍‌ରେ ୟୁପି ରୁଦ୍ରାସ୍ ୩-୧ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି । ଆଜି କଳିଙ୍ଗ ଲାନ୍ସର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମୁକାବିଲା ହେବ ।

# ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ଦିନ ପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ଏହାର ପ୍ରଭାବରେ ଶୀତର ପ୍ରକୋପ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଗତକାଲି ଅନୁଗୁଳ ଓ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି ।

ଅପରପକ୍ଷରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*******************************